TEACHERS adda247

adda247

**Lang. Code : 14**

इस पुस्तिका में **20** पृष्ठ हैं ।

This booklet contains **20** pages.

# TAJ 19-II

**प्रश्न-पत्र II / PAPER II**

**उड़िया भाषा परिशिष्ट**

**Odia Language Supplement**

**भाग IV & V / PART IV & V**

परीक्षा पुस्तिका संकेत
Test Booklet Code

**W**

परीक्षा पुस्तिका संख्या
Test Booklet No.

**इस परीक्षा पुस्तिका को तब तक न खोलें जब तक कहा न जाए ।**

**Do not open this Test Booklet until you are asked to do so.**

**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**

**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **W** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   - भाग-IV : भाषा-I (उड़िया) (प्र. 91 से प्र. 120)
   - भाग-V : भाषा-II (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **W**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   - Part-IV : Language-I (Odia) (Q. 91 to Q. 120)
   - Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ______________________

Name of the Candidate (in Capitals) :

अनुक्रमांक : (अंकों में) ______________________

Roll Number : in figures

: (शब्दों में) ______________________

: in words

परीक्षा केन्द्र (बड़े अक्षरों में) : ______________________

Centre of Examination (in Capitals) :

परीक्षार्थी के हस्ताक्षर : ______________ निरीक्षक के हस्ताक्षर : ______________

Candidate's Signature : Invigilator's Signature :

Facsimile signature stamp of
Centre Superintendent ______________________

W

TEACHERS adda247

**Lang. Code : 14**

# TAJ 19-II

ପରୀକ୍ଷା ପୁସ୍ତକ କୋଡ

**W**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର II
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା **19 & 20**) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ ।

ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀ ଭାଗ I ଓ ଭାଗ II **ଅଥବା** ଭାଗ III ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **W** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*

   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

TEACHERS adda247

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ____________________

: ଶବ୍ଦରେ ଲେଖନ୍ତୁ ____________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________ ନିରୀକ୍ଷକଙ୍କର ହସ୍ତାକ୍ଷର ____________

Facsimile signature stamp of

Centre Superintendent : ____________________

ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120]**, if they have opted **ODIA** as **LANGUAGE – I** only.

TEACHERS adda247

ଭାଗ – **IV**

ଭାଷା – **I**

ଓଡ଼ିଆ

ପରୀକ୍ଷାର୍ଥୀ ଭାଷା – **I** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **IV** ରେ (ପ୍ରଶ୍ନ ସଂଖ୍ୟା **91-120**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

**ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଶ୍ନସଂଖ୍ୟା 91 – 99 ର ଉତ୍ତର ପ୍ରଦାନ କର ।**

ମନୁଷ୍ୟ କେବଳ ପ୍ରୟୋଜନ ସାଧନାରେ ଅନୁରୂପ ଶକ୍ତି ଘେନି ଜନ୍ମଗ୍ରହଣ କରିନାହିଁ – କଠୋର କର୍ମ ସାଧନ କରି ଜୀବନ କ୍ଷୟକରିବା ତାହାର ଲକ୍ଷ୍ୟ ନୁହେଁ । କେବଳ ପ୍ରୟୋଜନ ସାଧନ କେବଳ କଠୋର କର୍ମମୟ ଜୀବନ ମନୁଷ୍ୟ ପାଇଁ ନିର୍ଦ୍ଦିଷ୍ଟ ହୋଇନାହିଁ । ସେ ପ୍ରକାର ଜୀବନ ଧାରଣ ଏକ ପ୍ରକାର ଅସମ୍ଭବ । ସେହି ହେତୁରୁ ସୃଷ୍ଟିକର୍ତ୍ତାଙ୍କର ଅପୂର୍ବ ବିଧାନରେ ମନୁଷ୍ୟ ପ୍ରାଣରେ ଆଉ ଗୋଟାଏ ପ୍ରକୃତି ପ୍ରଦତ୍ତ ହୋଇଅଛି । ସେହିଟି ସୌନ୍ଦର୍ଯ୍ୟ–ବୋଧ । ପ୍ରୟୋଜନ ସଙ୍ଗେ ସୌନ୍ଦର୍ଯ୍ୟର ମିଳନ କଠୋର ଓ ମଧୁରର ଅପୁର୍ବ ସାମଞ୍ଜସ୍ୟ – ଏହା ହିଁ ମନୁଷ୍ୟର ସର୍ବପ୍ରକାର ଉନ୍ନତିର ନିଦାନ ।

ଐହିକ ସକଳ କାର୍ଯ୍ୟର ମୂଳରେ ଲକ୍ଷ୍ୟ ଗୋଟିଏ ଜୀବନଧାରଣ । ଜୀବନଧାରଣ ପାଇଁ ମନୁଷ୍ୟ ନାନାପ୍ରକାରର କାର୍ଯ୍ୟରେ ପ୍ରବୃତ୍ତ ହୁଏ – ଅଥଚ ତାହା ସଙ୍ଗେ ସଙ୍ଗେ ଲକ୍ଷ୍ୟ ଥାଏ, କିପରି ସୁନ୍ଦର ଭାବରେ – ସୁଖରେ ଜୀବନ ଧାରଣ ହେବ । ଆଦିମ ମନୁଷ୍ୟ ଅପକ୍ୱ ଫଳମୁଳ ଓ ଆମ ମାଂସ ଭୋଜନ କରି କୌଣସି ପ୍ରକାରର ଜୀବନ ଧାରଣ କରୁଥିଲା । ବର୍ତ୍ତମାନ ସେ ଉନ୍ନତ ମାନବ ସମାଜରେ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ପ୍ରଭୃତି ନାନାବିଧ ଉପାଦେୟ ଦ୍ରବ୍ୟର ସୃଷ୍ଟି, ଏହାର ମୂଳରେ କେବଳ ପ୍ରୟୋଜନ ନାହିଁ – ତାହା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟବୋଧ ରହିଅଛି । ଏହାରି ପ୍ରଭାବରେ ନିତ୍ୟ ନୂତନ ଉପାଦେୟ ଦ୍ରବ୍ୟର ସୃଷ୍ଟି । ଅଗଣ୍ୟ ପ୍ରକାର ସୁନ୍ଦର ଓ ବିଚିତ୍ର ବସ୍ତ୍ରର ସୃଷ୍ଟି କେବଳ ଲଜ୍ଜାନିବାରଣ ବା ଶରୀର ରକ୍ଷା ଉଦ୍ଦେଶ୍ୟରେ ନୁହେଁ – ସୌନ୍ଦର୍ଯ୍ୟ ପିପାସା ତୃପ୍ତି ଉଦ୍ଦେଶ୍ୟରେ । ଆଦିମ ଯୁଗର ଚର୍ମ ବା ଲୋମର ପରିଧେୟରେ କି ତାହାର ପ୍ରୟୋଜନ ସାଧିତ ହେଉ ନ ଥିଲା ? ତେବେ ଏତେ ପ୍ରକାର ବିଚିତ୍ରବର୍ଣ୍ଣ ବସ୍ତ୍ରର ସ୍ରଷ୍ଟା କିଏ ? ସୌନ୍ଦର୍ଯ୍ୟବୋଧ । ବୃକ୍ଷକୋଟର ବା ଗିରିଗହ୍ୱରରୁ ଆଣି ମନୁଷ୍ୟକୁ ସୁରମ୍ୟ ଅଟ୍ଟାଳିକାରେ ବାସ କରାଇଲା କିଏ ? ସୌନ୍ଦର୍ଯ୍ୟବୋଧ ।

**91. ସୁନ୍ଦର ଓ ବିଚିତ୍ର ବସ୍ତ୍ରର ସୃଷ୍ଟି କେବଳ ଲଜ୍ୟାନିବାରଣ ନୁହେଁ, ଏହାର ଉଦ୍ଦେଶ୍ୟ ________**

(1) ସୌନ୍ଦର୍ଯ୍ୟପିପାସା ତୃପ୍ତି

(2) ଶରୀରରକ୍ଷା ଓ ଅଙ୍ଗସଜ୍ଜା

(3) ସୁଖ ଜୀବନଯାପନ

(4) ପ୍ରୟୋଜନ ସାଧନ

TEACHERS adda247

92. ଐହିକ ସକଳ କାର୍ଯ୍ୟର ମୂଳଲକ୍ଷ୍ୟ କ'ଣ ?
(1) ସୌନ୍ଦର୍ଯ୍ୟବୋଧ
(2) ଶରୀରରକ୍ଷା
(3) ଜୀବନଧାରଣ
(4) ସୁନ୍ଦର ବସ୍ତ୍ର ପରିଧାନ

93. "ମନୁଷ୍ୟ କେବଳ ପ୍ରୟୋଜନ ସାଧନରେ ଅନୁରୂପ ଶକ୍ତି ଘେନି ଜନ୍ମଗ୍ରହଣ କରିନାହିଁ" – ଏଥିରେ କେଉଁଟି ଉପସର୍ଗ ?
(1) ଜନ
(2) ଅନୁ
(3) ଘେନି
(4) କରି

94. 'ନୂତନ' ଶବ୍ଦର ବୀପରିତାର୍ଥକ ଶବ୍ଦଟି କ'ଣ ?
(1) ଅତନୁ
(2) ପ୍ରାକ୍ତନ
(3) ଅନନ୍ତ
(4) ପୁରାତନ

95. 'ଅପର୍ଯ୍ୟାପ୍ତ' ଶବ୍ଦର ସମକକ୍ଷ ଶବ୍ଦଟି କ'ଣ ?
(1) ଅପକ୍ୱ
(2) ଅସମ୍ଭବ
(3) ଅପୂର୍ବ
(4) ଅଗଣ୍ୟ

96. କିଏ ମନୁଷ୍ୟକୁ ବୃକ୍ଷକୋଟର ବା ଗିରିଗହ୍ୱରରୁ ଆଣି ସୁନ୍ଦର ଅଟ୍ଟାଳିକାରେ ପହଞ୍ଚାଇଲା ?
(1) ଈଶ୍ୱର
(2) ଜୀବନଧାରଣ ପ୍ରବୃତ୍ତି
(3) ସୌନ୍ଦର୍ଯ୍ୟବୋଧ
(4) ସମାଜ

97. ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ ଏହାର ସଂପର୍କ ମଣିଷ ଜୀବନରେ କାହା ସହିତ ରହିଛି ?
(1) ଆଦିମ ଜୀବନ
(2) ସୁଖ ଜୀବନ ଯାପନ
(3) ସୌନ୍ଦର୍ଯ୍ୟପିପାସା
(4) ଖାଦ୍ୟପେୟ

TEACHERS adda247

98. ଲେଖକ କାହାକୁ କଠୋର ଓ ମଧୁରର ଅପୂର୍ବ ସାମଞ୍ଜସ୍ୟ ବୋଲି କହିଛନ୍ତି ?
(1) ମାନବ ଓ ସୃଷ୍ଟିକର୍ତ୍ତାଙ୍କ ମଧ୍ୟରେ ସଂପର୍କକୁ
(2) ପ୍ରକୃତି ଓ ମଣିଷର ସଂପର୍କକୁ
(3) ସୌନ୍ଦର୍ଯ୍ୟ ଓ ପ୍ରକୃତିର ମିଳନକୁ
(4) ପ୍ରୟୋଜନ ସଙ୍ଗେ ସୌନ୍ଦର୍ଯ୍ୟର ମିଳନକୁ

99. ମନୁଷ୍ୟ ନିମନ୍ତେ କ'ଣ ନିର୍ଦ୍ଦିଷ୍ଟ ନୁହେଁ ?
(1) କର୍ମସାଧନ ଓ ଜୀବନକ୍ଷୟ
(2) ପ୍ରୟୋଜନସାଧନ ଓ କର୍ମମୟ ଜୀବନ
(3) ସୃଷ୍ଟିକର୍ତ୍ତାଙ୍କ ଅପୂର୍ବ ବିଧାନ
(4) ଜୀବନଧାରଣ ଓ ସୌନ୍ଦର୍ଯ୍ୟ ଉପଭୋଗ

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 – 105 ର ଉତ୍ତର ପ୍ରଦାନ କର :**

ଆଦିମ ଯୁଗର ଦୁନିଆ ଭିତରେ ଗଢ଼ା ଯେତେ ସରକାର
ନିରେଖି ଚାହିଁଲେ ସବୁଗୁଡ଼ିକ ତ ଧର୍ମର ଅବତାର ।
ଦୁନିଆ ଯାକର ମଣିଷପାଇଁ ତ ଧର୍ମ ନ ମିଳେ ଏକ
ସବୁ ପୂଜା ସବୁ ଧ୍ୟାନ ଭଜନ ନୁହେଁ କି ଭୋଜନ–ଭେକ ?
ସବୁ ଦେଶେ ଅବା ସମାନ ଧର୍ମ ସତ୍ୟ ଆସିବ କାହୁଁ
ସମାନ ନୁହେଁ ତ ପୋଷାକ ଆହାର ସବୁ ଦେଶ ଜଳବାୟୁ ।

ପୁରୁଣା ପୋଷାକ ଫେସନ ଫୋପାଡ଼ି ନୂଆ ଲୋଡୁଁ ଆମେ ଯଥା
ପୁରୁଣା ଧର୍ମ ସତ୍ୟର ମାନେ ଅବିକଳ ଏକା କଥା ।
ଧର୍ମ ସତ୍ୟ ଯାଉଛି ବଦଳି, ରହିଛି କେବଳ ନାମ
ବାସ୍ତବ ରୂପ ନ ମିଳଇ ଖୋଜି ନାହିଁ ତାର ଗୁଣଧାମ ।

ଧର୍ମ–ଘୋଡ଼ଣୀ ଭିତରେ ପଶିଲେ ସାତଖୁଣି ହେବ ମାଫ,
ଦରକାର ଯେଣୁ କରିବା ଆମର ସଦ୍ୟ ଶହେଟା ପାପ ।

**100. କାହାକୁ ଲେଖକ ଧର୍ମର ଅବତାର ବୋଲି କହିଛନ୍ତି ?**

(1) ସମସ୍ତ ମଣିଷ
(2) ଭଗବାନ
(3) ସରକାର
(4) ଧର୍ମଗୁରୁ

**101. 'ମାଫ' ଶବ୍ଦର ଅର୍ଥ କ'ଣ ?**

(1) କ୍ଷମା
(2) ଦୟା
(3) ଶାନ୍ତି
(4) ଗୁଣ

**102. ସବୁଦେଶରେ ଧର୍ମ, ସତ୍ୟ, ପୋଷାକ ଓ ______ ସମାନ ନୁହେଁ ବୋଲି କବି କହିଛନ୍ତି ।**

(1) ଗୁଣଧାମ
(2) ଧର୍ମ–ଘୋଡ଼ଣୀ
(3) ମଣିଷ ପଣିଆ
(4) ଜଳବାୟୁ

**103. ଧର୍ମର ଅବତାରକୁ ଏକ ଶବ୍ଦରେ ପ୍ରକାଶ କଲେ ହେବ –**

(1) ଧାର୍ମିକ
(2) ଧର୍ମାବତାର
(3) ଧର୍ମଘୋଡ଼ଣୀ
(4) ଧର୍ମସତ୍ୟ

TEACHERS adda247

**104. ପୁରୁଣା ଧର୍ମ ସତ୍ୟକୁ କାହା ସହ ସମାନ କୁହାଯାଇଛି ?**

(1) ଜଳବାୟୁ ଅନୁସାରେ ପୋଷାକ
(2) ସ୍ଥାନାନୁସାରେ ଧର୍ମର ବ୍ୟବହାର
(3) ପୁରୁଣା ପୋଷାକ ଫୋପାଡ଼ି ନୂଆ ଚାହିଁବା
(4) ନାମର ବାସ୍ତବ ରୂପ

**105. କେଉଁ ଅବସ୍ଥାରେ ରହିଲେ ପାପ ଓ ପୂଣ୍ୟ ଭିତରେ ପ୍ରଭେଦ ଜାଣି ହୋଇ ନଥାଏ ?**

(1) ନିଦ୍ରିତ ଅବସ୍ଥାରେ
(2) ଭୋଜନ କାଳରେ
(3) ନିଜକୁ ଧର୍ମର ଅବତାର ମନେକଲେ
(4) ନିଜେ ଧର୍ମ ଘୋଡ଼ଣି ଭିତରେ ରହିଲେ

**106.** ଏଥିମଧ୍ୟରୁ କେଉଁଟି କବିତା ପଢାଇବାରେ ଅଧିକ ଆବଶ୍ୟକ ?

(1) ପ୍ରତ୍ୟେକ କବିତାର ଏକ ନିର୍ଦ୍ଦିଷ୍ଟ ଅର୍ଥ ରହିଛି ।

(2) ପ୍ରତ୍ୟେକ କବିତାର ଏକରୁ ଅଧିକ ଅର୍ଥ ରହିଛି ।

(3) କବିତାରେ ସାମାଜିକ ସମସ୍ୟାର ପ୍ରତିଫଳନ ନ ରହିବା ।

(4) କବିତାରେ କୌଣସି ପ୍ରକାରର ମାନସିକ ଚାପ ପକାଇବାର ଉପାଦାନ ନଥିବା ।

**107.** ଜଣେ ଶିକ୍ଷକ ଲିଖିତ–ବିବରଣୀ ଲିଖନ ଶିଖାଇବା ଉଦ୍ଦେଶ୍ୟରେ ଶିକ୍ଷାର୍ଥୀଙ୍କୁ କିଛି ସମ୍ବାଦ ପତ୍ରରେ ପ୍ରକାଶିତ ବିବରଣୀ ଛାତ୍ରଙ୍କ ମଧ୍ୟରେ ବିତରଣ କରି ସେମାନଙ୍କୁ ନିଜ ନିଜର ଦୃଷ୍ଟିକୋଣ ଆଧାରରେ ବିବରଣୀ ପ୍ରସ୍ତୁତ କରିବାକୁ କହିଲେ । କକ୍ଷରେ ବ୍ୟବହାର କରିଥିବା ସମ୍ବାଦପତ୍ରର ଅଂଶକୁ କେଉଁ ଭାବରେ ଗ୍ରହଣ କରାଯାଇପାରିବ ?

(1) ଶିକ୍ଷଣ ସାମଗ୍ରୀ

(2) ଅଧ୍ୟୟନ ସାମଗ୍ରୀ

(3) ଶିକ୍ଷଣ–ଅଧ୍ୟୟନ ସାମଗ୍ରୀ

(4) ଶିକ୍ଷାଦାନ କୌଶଳ ଓ ନୀତି

**108.** ଭାରତରେ କେତୋଟି ଭାଷା ପରିବାରର ଭାଷା ପ୍ରଚଳିତ ?

(1) ଚାରି

(2) ଛଅ

(3) ଆଠ

(4) ଦଶ

**109.** କେଉଁ ପଦ୍ଧତି ଅନୁଯାୟୀ ଭାଷା ଶ୍ରେଣୀ କକ୍ଷରେ ମାତୃଭାଷାର ବ୍ୟବହାର ନିଷେଧ କରାଯାଇଥାଏ ?

(1) ପ୍ରତ୍ୟକ୍ଷ ପ୍ରଣାଳୀ

(2) ଭାଷା–ଶ୍ରାବ୍ୟ ପ୍ରଣାଳୀ

(3) ନିମଜ୍ଜନ (Immersion) ପଦ୍ଧତି

(4) ପ୍ରାକୃତିକ ପଦ୍ଧତି

**110.** ଭାଷା ଶିକ୍ଷାଦାନ ସମୟରେ ଶିକ୍ଷକ ବିଜ୍ଞାନ ଓ ସାମାଜିକ ବିଜ୍ଞାନରୁ ଉଦାହରଣ ଦେଇଥିଲେ । ଏ ପ୍ରକାରର ଶିକ୍ଷଣ ପଦ୍ଧତିକୁ କୁହାଯାଏ –

(1) ବିଜ୍ଞାନ ଓ ଭାଷା ଶିକ୍ଷା

(2) ପାଠ୍ୟକ୍ରମ ବାହାରର ଭାଷା

(3) TPR ପଦ୍ଧତି

(4) CLT ପଦ୍ଧତି

TEACHERS adda247

**111. ଭାଷାଶିକ୍ଷାରେ ବୋଧଶକ୍ତି ଉପରେ ଗୁରୁତ୍ୱ ଦେବାଦ୍ୱାରା କେଉଁ ଧରଣର ଉଦ୍ଦେଶ୍ୟ ସାଧିତ ହୋଇଥାଏ ଏବଂ କେଉଁ ଧାରଣା ସୃଷ୍ଟି ହେଉଥାଏ ?**

(1) ତ୍ରୁଟି ଭାଷା ଶିକ୍ଷଣ ପଦ୍ଧତିର ଅଂଶବିଶେଷ ।

(2) ଭାଷା ଶିକ୍ଷଣରେ ଅଭ୍ୟାସ ପଦ୍ଧତି ସହାୟକ ହୋଇଥାଏ ।

(3) ସଂଳାପର ପୁନରାବୃତ୍ତି ଓ ସ୍ମରଣ ଉପରେ ଶିକ୍ଷକ ଗୁରୁତ୍ୱ ଦେବା ଆବଶ୍ୟକ ।

(4) ତ୍ରୁଟିଗୁଡ଼ିକ ସଂଗେ ସଂଗେ ସଂଶୋଧନ କରିବା ଆବଶ୍ୟକ ନଚେତ୍ ତାହା ଶିକ୍ଷାର୍ଥୀଙ୍କ ମନରେ ଦୃଢ ଭାବରେ ସ୍ଥାପିତ ହୋଇ ରହିବ ।

**112. କେଉଁ ପରୀକ୍ଷଣ ଦ୍ୱାରା ଶିକ୍ଷକ ଶିକ୍ଷାର୍ଥୀଙ୍କର ନିମ୍ନ ଫଳାଫଳର କାରଣ ସଂପର୍କରେ ଅବଗତ ହୋଇଥାନ୍ତି ?**

(1) ପାରଦର୍ଶିତା ପରୀକ୍ଷା

(2) ନିର୍ଣ୍ଣାୟକ ପରୀକ୍ଷା

(3) ଲକ୍ଷ୍ୟସାଧନ ପରୀକ୍ଷା

(4) ଆକଳନମୂଳକ ପରୀକ୍ଷା

**113. ଷଷ୍ଠଶ୍ରେଣୀ ଛାତ୍ରଙ୍କୁ ପଢ଼ାଉଥିବା ଭାଷା ଶିକ୍ଷକ ଭାଷା ପରୀକ୍ଷା ପତ୍ର ଦେଖିବାପରେ ଜାଣିଲେ ଯେ ଶିକ୍ଷାର୍ଥୀ ଭଲ ଭାବରେ ଉତ୍ତର ଦେଇ ପାରିନାହାନ୍ତି । ତେଣୁ ସେ ପୁନର୍ବାର ପରୀକ୍ଷା କରିଥିଲେ । ଏଇ ପରୀକ୍ଷାକୁ କ'ଣ କୁହାଯାଇଥାଏ ?**

(1) ନିର୍ଦ୍ଧାରକ ପଦ୍ଧତି

(2) ଆକଳନମୂଳକ ପଦ୍ଧତି

(3) ନିର୍ଣ୍ଣାୟକ ପଦ୍ଧତି

(4) କ୍ରମବର୍ଦ୍ଧନଶୀଳ ପଦ୍ଧତି

**114. ଜଣେ ଭାଷା ଶିକ୍ଷକ ପାଠ ପଢାଇବା ପରେ ତାଙ୍କ ଡ଼ାଏରୀରେ ଲେଖିଲେ – "ଶିକ୍ଷାର୍ଥୀ ଭାଷା–ଖେଳକୁ ଖୁବ୍ ପସନ୍ଦ କରିଥିଲେ ଏବଂ ସମସ୍ତେ ଅଂଶଗ୍ରହଣ କରିଥିଲେ, କିନ୍ତୁ ତିନି ନମ୍ବର ଗ୍ରୁପ୍‌କୁ ଉପଯୁକ୍ତ ଫଳଲାଭ କରିବାପାଇଁ ଯଥେଷ୍ଟ ପରିଶ୍ରମ କରିବାକୁ ପଡ଼ିଲା" – ଏହାକୁ କାହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରିବ ?**

(1) ଆକଳନ

(2) ଘଟଣା ବା ବ୍ୟକ୍ତିବିଷୟକ ତଥ୍ୟସଂଗ୍ରହ

(3) ପ୍ରତିଫଳନାତ୍ମକ ବିଚାର

(4) ମତାମତ ବା ମନ୍ତବ୍ୟ

**115. ଜଣେ ସାର୍ଥକ ଭାଷା ଶିକ୍ଷକ ______**

(1) ପାଠ୍ୟପୁସ୍ତକରେ ଦିଆଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାପାଇଁ ପ୍ରସ୍ତୁତ କରାଇଥାଏ ।

(2) ପାଠ୍ୟପୁସ୍ତକ ସହିତ ପାଠ୍ୟପୁସ୍ତକ ବାହାରର ବିଷୟକୁ ଶିକ୍ଷଦାନରେ ବ୍ୟବହାର କରିଥାଏ ।

(3) ପାଠ୍ୟପୁସ୍ତକରୁ ସମସ୍ତ ପ୍ରଶ୍ନ ପଚାରିଥାଏ ।

(4) ନିର୍ଦ୍ଧାରିତ ପାଠ୍ୟପୁସ୍ତକ ବାହାରକୁ ଯାଇ ନଥାଏ ।

**116.** **ଏଥି ମଧ୍ୟରୁ କେଉଁଟି ଭାଷା ଶିକ୍ଷଣରେ ଅତ୍ୟାବଶ୍ୟକ ?**

(1) ପାଠ୍ୟପୁସ୍ତକ

(2) ସହାୟକ ପୁସ୍ତକ

(3) ଶିଶୁ ସାହିତ୍ୟ

(4) କାର୍ଯ୍ୟ ତାଲିକା (activity sheet)

**117.** **ଏଥିମଧ୍ୟରୁ କାହାଦ୍ୱାରା ଭାଷା ଶିକ୍ଷାର୍ଥୀଙ୍କମଧ୍ୟରେ ସୃଜନାତ୍ମକତା ଜାତ ହୋଇପାରିବ ?**

(1) ଭଲ ନମ୍ବର ପାଇଁ ଶିକ୍ଷାର୍ଥୀଙ୍କୁ ପୃଥକ ଭାବରେ ତାଲିମ ଦେବା

(2) ସେମାନଙ୍କ ଅନୁଭୂତି ଆଧାରରେ ନିର୍ଭୟ ଭାବରେ ଲେଖିବାପାଇଁ ସୁଯୋଗ ଦେବା

(3) ଶିକ୍ଷାର୍ଥୀଙ୍କୁ ନୈତିକ ଜ୍ଞାନ ଆଧାରିତ ଗଳ୍ପ ପଢ଼ିବା ଓ ଲେଖିବାପାଇଁ କହିବା

(4) ଶିକ୍ଷଣରେ ଆଗ୍ରହ ବଢାଇବା ପାଇଁ ଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେବା

**118.** **ଭାଷା ଶିକ୍ଷଣରେ "ମାନସିକ ମାପ (mind mapping)ର" ଅର୍ଥ ହେବ ______**

(1) ମସ୍ତିଷ୍କର ଚିତ୍ର ପ୍ରଦାନ କରିବା

(2) ଗଳ୍ପ ବା କବିତାରେ ବର୍ଣ୍ଣିତ ସ୍ଥାନର ଏକ ମାନଚିତ୍ର ପ୍ରସ୍ତୁତ କରିପାରିବା

(3) ଏକ ଅସାଧାରଣ ଅନୁଭୂତି ସଂପର୍କିତ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିବା

(4) ଶିକ୍ଷାର୍ଥୀଙ୍କୁ ଅତୀତକୁ ସ୍ମରଣ କରି ନୂତନ କଳ୍ପନା ସୃଷ୍ଟିକରବା ସଂଗେ ସଂଗେ ସଂପର୍କ ଉପସ୍ଥାପନ କରିବାକୁ କହିବା

**119.** **ଲିଖନ କୌଶଳ ବୃଦ୍ଧି କରାଇବାରେ କାହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ?**

(1) ସୁନ୍ଦର ହସ୍ତାକ୍ଷରରେ ଲେଖନ ।

(2) ନିର୍ଭୁଲ୍ ବନାନ୍‌ର ବ୍ୟବହାର ।

(3) ସଂକେତ ଆଧାର କରି ଲିଖନ ତଥା ନିର୍ଦ୍ଦେଶ ପାଳନ ।

(4) ଲିଖନଦ୍ୱାରା ନିଜର ମତାମତ, ଦୃଷ୍ଟିକୋଣ ଓ ଅନୁଭୂତି ଉପସ୍ଥାପନ ।

**120.** **ଯେଉଁ ପଠନ ଶିକ୍ଷାର୍ଥୀ କେବଳ ସୁଖପାଠ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ସଂଗେ ସଂଗେ ସେମାନଙ୍କର ସାଧାରଣ ପଠନ ଦକ୍ଷତା ବୃଦ୍ଧି କରାଇଥାଏ ତାକୁ କ'ଣ କୁହାଯାଏ ?**

(1) ତୀବ୍ର ପଠନ

(2) ବ୍ୟାପକ ପଠନ

(3) ପୂର୍ବ ପଠନ

(4) ପର ପଠନ

TEACHERS adda247

ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଚ୍ଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150],** if they have opted **ODIA** as **LANGUAGE – II** only.

TEACHERS adda 247

ଭାଗ – V

ଭାଷା – II

ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 121 – 128 ର ଉତ୍ତର ପ୍ରଦାନ କର ।**

ସତ୍ୟବାଦୀରେ ଅନେକ ଅଭାବ ଥାଏ । ସେଠା ଛାତ୍ରାବାସର ନିୟମ ଖୁବ୍ କଡ଼ା । ପ୍ରସା କରିବାକୁ ଗଲେ କାହାରି ଜଣଙ୍କର ଅନୁମତି ନେବାକୁ ହୁଏ । ପାନ ଖାଇବା, ବିଡ଼ି ସିଗ୍ରେଟ୍ ଟାଣିବା, ଗୁଡ଼ାଖୁରେ ଦାନ୍ତ ଘଷିବା ଛାତ୍ରାବାସ ମଧ୍ୟରେ ଚଳେ ନାହିଁ । ଏଥି ମଧ୍ୟରୁ କୌଣସି କାର୍ଯ୍ୟ ଧରା ପଡ଼ିଲେ କଠିନ ଦଣ୍ଡ ମିଳେ । ବେତ ମାଡ଼ରେ ପିଲାଙ୍କ ପିଠି ଫାଟିଯିବା ମୁଁ ଦେଖିଛି । ପିଲାମାନେ ଯେ ଅନୁକରଣଶୀଳ ପ୍ରାଣୀ ସେ କଥା ଆମେମାନେ ଭୁଲି ଯାଇଥିଲୁ । ଫଳରେ ଶିକ୍ଷକମାନେ ଅବାଧରେ ପାନ ଖାଉଥିଲେ । ଧାଡି ହୋଇ ପାଞ୍ଚ ସାତ ଜଣ ବସି ଗୁଡ଼ାଖୁରେ ଦାନ୍ତ ଘଷୁଥିଲେ । ପିଲାଙ୍କ ଗୁଡ଼ାଖୁ ରହୁଥିଲା ଝାଡ଼ା ଫେରିବା ଯାଗାରେ, ଗଛ କୋରଡ଼ରେ । ସେଠାରେ ମଧ୍ୟ ତାର ନିସ୍ତାର ନଥିଲା । କାରଣ ବେଳେ ବେଳେ ଅନୁସନ୍ଧିତ୍ସୁ ଶିକ୍ଷକମାନଙ୍କର କର ତା ଦେହରେ ଯାଇ ବାଜୁଥିଲା । ପିଲାମାନଙ୍କ ପାନ ନିଶୀଧକାଳରେ ଶିକ୍ଷକମାନେ ଘୁଙ୍ଗୁଡି ମାରୁଥିବା ସମୟରେ ପେଷି ହୋଇ ଯାଉଥିଲା ।

ସତ୍ୟବାଦୀ ସ୍କୁଲକୁ ଆଦରରେ 'ବନ ବିଦ୍ୟାଳୟ' କୁହାଯାଉଥିଲା । କହିବାର କାରଣ ମଧ୍ୟ ଥିଲା । ସ୍କୁଲ ମାଇନର ଅବସ୍ଥାରେ ଥିଲା ବେଳେ ତା ପାଇଁ ଏକ ପ୍ରକାଣ୍ଡ ଚାଳଘର ତିଆରି ହୋଇଥିଲା । କିନ୍ତୁ ତାହା ଦିନେ ରାତିରେ ନିଆଁ ଲାଗି ପୋଡ଼ିଗଲା । ସେତେବେଳେ ସନ୍ଦେହ କରାଗଲା ଯେ କେହି ଜାଣି ଶୁଣି ନିଆଁ ଲଗାଇ ଦେଇଛି । ସେ ଘଟଣା ସ୍କୁଲର ଇତିହାସରେ ଗାର ପଡ଼ି ରହିଲା । ନୀଳକଣ୍ଠବାବୁ ସାମାଜିକ ପ୍ରଥା ଭାଙ୍ଗି ନିଶ ରଖିଥିଲେ । ତାଙ୍କ ଦେଖା ଦେଖି ହରିହରବାବୁ ଓ ଅନ୍ୟ କେତେକ ଶିକ୍ଷକ ମଧ୍ୟ ନିଶ ରଖିଲେ । କ୍ରମେ ପିଲାମାନେ ତାହା ଅନୁକରଣ କରି ବସିଲେ । କେତେକ ପିଲା 'ନିଶ' ବଢ଼ାଇବା ଲାଗି ଖିଅର ହେଲେ । ଲେଉଟିଆ ଶାଗ କାଟିଲେ ବଢ଼େ । ନିଶ ବିଷୟରେ ବହୁ ଲୋକଙ୍କର ସେହି ଧାରଣା ଥିବାର ଦେଖାଯାଏ । ପିଲାମାନଙ୍କର ଯୌବନ ବିକାଶବେଳେ 'ନିଶ' ନ ଉଠିଲେ ମନରେ ଶାନ୍ତି ଜନ୍ମେ ନାହିଁ ।

**121. ପିଲାମାନଙ୍କର କେଉଁ ଗୁଣ ଲେଖକ ଭୁଲି ଯାଇଥିଲେ ?**

(1) ଛାତ୍ରାବାସରେ ନିୟମ ନ ମାନିବା

(2) ଦଣ୍ଡପାଇ ମଧ୍ୟ ବ୍ୟବହାର ପରିବର୍ତ୍ତନ ନ କରିବା

(3) ସେମାନେ ଅନୁକରଣଶୀଳ

(4) ଦଣ୍ଡବିଧାନ ହେଲେ ମଧ୍ୟ ଦୁଃଖ ନ କରିବା

**122. "ନିଶୀଧ" ଶବ୍ଦର ଅର୍ଥ ହେବ ______**

(1) ସକାଳ

(2) ମଧ୍ୟାହ୍ନ

(3) ସନ୍ଧ୍ୟା

(4) ରାତ୍ରୀ

**123. "ବେଳେ ବେଳେ ଅନୁସନ୍ଧିତ୍ସୁ ଶିକ୍ଷକମାନଙ୍କର କର ତା ଦେହରେ ଯାଇ ବାଜୁଥିଲା ।" ଏହା କେଉଁ ଅର୍ଥ ପ୍ରକାଶ କରିଥାଏ ?**

(1) ଶିକ୍ଷକଙ୍କଦ୍ୱାରା ଛାତ୍ରମାନେ ଦଣ୍ଡିତ ହେବା

(2) ପିଲାମାନେ ଲୁଚାଇ ରଖିଥିବା ଦ୍ରବ୍ୟକୁ ଶିକ୍ଷକ ବାହାର କରିବା

(3) ପିଲାମାନଙ୍କ ସହିତ ମିଶିବା ବେଳେ ଶିକ୍ଷକଙ୍କର କରସ୍ପର୍ଶ

(4) ଶିକ୍ଷକ ଛାତ୍ରଙ୍କୁ ଭଲ କାମ କଲେ ଆଲିଙ୍ଗନ କରୁଥିଲେ

**124. 'ନିଶକୁ' କାହା ସହିତ ତୁଳନା କରାଯାଇଛି ?**

(1) ଲେଉଟିଆ ଶାଗ

(2) ଯୌବନର ବିକାଶ

(3) ଚାଳଘର

(4) ଛାତ୍ରାବାସ

**125. ଚାଳଘରଟିର ପରିଣତି କ'ଣ ହୋଇଥିଲା ?**

(1) ବର୍ଷାରେ ନଷ୍ଟ ହୋଇଗଲା

(2) ନିଆଁ ଲାଗି ପୋଡ଼ିଗଲା

(3) ପକ୍କାଘରରେ ବଦଳିଗଲା

(4) ଯୁବକମାନଙ୍କର ଆଡ୍ଡାସ୍ଥଳୀରେ ପରିଣତ ହେଲା

**126. "ଅନୁସନ୍ଧିତ୍ସୁ" ଶବ୍ଦଟି କେଉଁ ପଦ ?**

(1) ସର୍ବନାମ

(2) ସମ୍ବୋଧନ

(3) ବିଶେଷ୍ୟ

(4) ବିଶେଷଣ

**127. "ପିଲାମାନଙ୍କ ପାନ ନିଶୀଧକାଳରେ ଶିକ୍ଷକମାନେ ଘୁଙ୍ଗୁଡ଼ି ମାରୁଥିବା ସମୟରେ ପେଷି ହୋଇ ଯାଉଥିଲା" – ଅର୍ଥାତ୍ –**

(1) ଶିକ୍ଷକ ଶୋଇଥିବା ସମୟରେ ପିଲାମାନେ ପାନ ଖାଉଥିଲେ ।

(2) ଶିକ୍ଷକଙ୍କ କଥା ମାନି ପିଲାମାନେ ପାନ ଖାଇବା ଛାଡ଼ିଦେଲେ

(3) ରାତ୍ରୀକାଳରେ ପାନ ଖାଇବା ଭଲ

(4) ବୃଦ୍ଧା ଅବସ୍ଥାରେ ଛାତ୍ରମାନେ ପାନ ଖାଇବା ଆରମ୍ଭ କରିଥିଲେ ।

**128. "ବନବିଦ୍ୟାଳୟ" କାହାକୁ କୁହାଯାଉଥିଲା ?**

(1) ସତ୍ୟବାଦୀ ସ୍କୁଲକୁ

(2) ପୋଡ଼ି ଯାଇଥିବା ଚାଳଘରକୁ

(3) ହରିହରବାବୁଙ୍କ ବିଦ୍ୟାଳୟକୁ

(4) ସ୍ଥାନୀୟ ଲୋକେ ଗଢିଥିବା ବିଦ୍ୟାଳୟକୁ

TEACHERS adda247

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ପ୍ରଦାନ କର ।**

ଯେ ଅନନ୍ତ କାଳର ଅଶେଷ ପଥର କଥାଯୋଗୁଁ କରୁଚି ଏଉଟା କଣ ? ସେ କ'ଣ କଳାକାର ଠିକ୍ ବୁଝିଚି, ବୁଝେଇବା କଷ୍ଟକର ଯେ ଅବୁଝା ତାକୁ । ବିଶ୍ୱ ଅନନ୍ତ, କାଳ ଅସୀମ, ବିଶ୍ୱର ପ୍ରବାହ ଅଶେଷ । ସୃଷ୍ଟି ବହୁତ । କିନ୍ତୁ ପ୍ରତିସୃଷ୍ଟି ପୂର୍ବ ସ୍ମୃତିର ପୁତ୍ର, ପରସୃଷ୍ଟିର ଜନକ । ଏକଥା ତୁମେ ବୁଝିବ କେମିତି ? ତୁମ ଆଖିରେ ତୁମର ଏଇ ଫୁଟାଣିକା ଯୁଗ ଗୋଟାଏ ନୂଆ, ବିଲକୁଲ ନୂଆକଥା । ଯାର ପୂର୍ବାପର ସମ୍ବନ୍ଧ କିଛି ନାହିଁ । ତୁମରି ସାଙ୍ଗରେ ଏକ ଯୁଗଟା ଆକାଶରୁ ଗଳିପଡିଚି ତଳକୁ, ତୁମରି ସାଙ୍ଗରେ ସେ ଉଭେଇଯିବ କେଉଁ ଅନ୍ଧାରକୁ ତୁମେ ତ ଏକଥା ଭାବୁଚ । ତୁମେ ତ ବୁଝିନ, ଲାମିଜରେବଲ୍ସ ଜନକ୍ରିସ୍ତେଫାର ବାପ, ଲାହିଲଗା ସମ୍ବନ୍ଧ ଏ ଦୁହିଁଙ୍କ ଭିତରେ, ହାମ୍ଲେଟ ଏବଂ ମ୍ୟାନ ଆଣ୍ଡ ସୁପରମ୍ୟାନ, ମେଘଦୂତ ଓ ଗୀତାଞ୍ଜଳି–ଯେ ସମସ୍ତେ ଏକା ସୂତାରେ ଗୁନ୍ଥା । ଯେ ଫୁଲଟି ପରେ ସେ ଫୁଲଟି ଯେପରି ଅବଶ୍ୟମ୍ଭାବୀ, ଗୀତାର ଆତ୍ମବାଦପରେ ବର୍ତ୍ତମାନର ଆଟୋମିକ ବିଦ୍ୟା ମଧ୍ୟ ସେହିପରି ଅବଶ୍ୟମ୍ଭାବୀ । ଏକଥା ତୁମେ ବୁଝିବନି । କାହିଁକି ନା, ଏକଥା ଯେବେ ସତ ହୁଏ, ତା ହେଲେ ତୁମର ବଡେଇ ରହିଲା କେଉଁଠି ? ତୁମେ ଆତ୍ମମ୍ଭରି, ଆତ୍ମସର୍ବସ୍ୱ । ତୁମରି କ୍ଷୁଦ୍ର ସ୍ୱାର୍ଥ ଛଡା, ତୁମରିଠଉଁ, ତୁମରି ଅହଙ୍କାର ଛଡା ତୁମକୁ ଯେ ଆଉ କିଛି ଦିଶେନି । ତୁମେ ପାଞ୍ଚଜଣଙ୍କ ଭିତରେ ଜଣେ ହବାକୁ ଯିବ କିମିତି ? ତୁମେ ଗୋଟାଏ ଅସରନ୍ତି ରୁଦ୍ରାକ୍ଷମାଳର ଗୋଟିଏ ମାତ୍ର ରୁଦ୍ରାକ୍ଷ, ସହ୍ୟ କରିବ କିପରି ? ତୁମେ ଅଲଗା, ଏକୁଟିଆ, ଏକୁଟିଆ ବାହାର । ବୁଝିପାରୁନ, ଏକୁଟିଆ ହେଲେ ହଜିଯିବା ବଡ ସହଜ । ହଜିଯିବ, ତୁମର କ୍ଷୁଦ୍ର ଜୀବନଟି ଭିତରେ ତୁମେ ହୁଏତ ବହୁତ ନାଚିଯିବ, କୁଦିଯିବ, ତାପରେ ତୁମର ସବୁଶେଷ । ରୁଦ୍ରାକ୍ଷର ମାଳରେ ମଧ ତୁମର ସ୍ଥାନ ନାହିଁ ।

TEACHERS adda247

**129. ଯାହାର ଶେଷନୁହେଁ ତାକୁ କୁହାଯିବ ________**

(1) ଅସୀମ

(2) ଅନନ୍ତ

(3) କ୍ଷୁଦ୍ର

(4) ଅବଶ୍ୟମ୍ଭାବୀ

**130. ଲେଖକଙ୍କ ମତରେ ରୁଦ୍ରାକ୍ଷ ମାଳରେ କାହାର ସ୍ଥାନ ନାହିଁ ?**

(1) ଆଧୁନିକ ମଣିଷର

(2) ପାଠକର

(3) ବିଶ୍ୱର

(4) ଆକାଶର

**131. ହାମଲେଟ୍, ମ୍ୟାନ୍ ଆଣ୍ଡ ସୁପରମ୍ୟାନ୍, ମେଘଦୂତ ଓ ଗୀତାଞ୍ଜଳି – ଏ ସମସ୍ତ କ'ଣ ?**

(1) ନୂଆକଥା

(2) ସୂତ୍ରରେ ଗୁନ୍ଥା ହେବା ପଦାର୍ଥ

(3) ଭଗବାନଙ୍କର ସୃଷ୍ଟି

(4) ପ୍ରସିଦ୍ଧ ଗ୍ରନ୍ଥ

**132. "ଏ ଯୁଗଟା ଆକାଶରୁ ଗଳି ପଡ଼ିଚି ତଳକୁ" – ଏଥିରେ ଥିବା ରେଖାଙ୍କିତ ଶବ୍ଦଟିକୁ କେଉଁ ବିଭକ୍ତିର ଉଦାହରଣ ଭାବରେ ନିଆଯାଇପାରେ ।**

(1) ତୃତୀୟା

(2) ଚତୁର୍ଥୀ

(3) ପଞ୍ଚମୀ

(4) ଷଷ୍ଠୀ

**133. ଗୀତାରେ କେଉଁ ଜ୍ଞାନ ରହିଛି ?**

(1) ଜୀବନ ଦର୍ଶନ

(2) କାଳର ପରାକ୍ରମ

(3) ସ୍ୱାର୍ଥତ୍ୟାଗ

(4) ଆତ୍ମବାଦ

**134. କାହାକୁ ଅନନ୍ତ, ଅସୀମ ଓ ଅଶେଷ ଭାବରେ ବର୍ଣ୍ଣନା କରାଯାଇଛି ?**

(1) କଳାକାରକୁ

(2) ଈଶ୍ୱରଙ୍କୁ

(3) ବିଶ୍ୱକୁ

(4) ଆକାଶକୁ

**135. ପୂର୍ବ ସ୍ମୃତିର ପୁତ୍ର ଓ ପରସୃଷ୍ଟିର ଜନକ କିଏ ?**

(1) ଭଗବାନ

(2) ପ୍ରତିସୃଷ୍ଟି

(3) ଅନନ୍ତକାଳ

(4) ଆଟୋମିକ୍ ବିଦ୍ୟା

TEACHERS adda247

136. ଏଥିମଧ୍ୟରୁ କେଉଁଟି ପ୍ରୋସେସ୍ ରାଇଟିଙ୍ଗ୍‌ରେ ବ୍ୟବହାର କରାଯିବା ଉଚିତ୍ ?

(1) ଶବ୍ଦ ସଂଖ୍ୟା ନିର୍ଦ୍ଧାରଣ

(2) ଆଳଂକାରିକ ଭାଷାର ବ୍ୟବହାର

(3) ଅଧିକାରସୂଚକ ସର୍ବନାମର ବ୍ୟବହାର

(4) ବିଚାରର ସଜ୍ଜୀକରଣ

137. ଲିଖନ ଏକ ______, ______ ନୁହେଁ ।

(1) ପ୍ରକ୍ରିୟା, ପରିଣାମ

(2) ପରିଣାମ, ପ୍ରକ୍ରିୟା

(3) ପ୍ରକ୍ରିୟା, ହସ୍ତାକ୍ଷର ଅନୁଶିଳନୀ

(4) ହସ୍ତାକ୍ଷର ଅନୁଶିଳନୀ, ପ୍ରକ୍ରିୟା

138. ଶିକ୍ଷାର୍ଥୀଙ୍କର ଲିଖନ ଦକ୍ଷତା ଆକଳନ କଲାବେଳେ ଶିକ୍ଷକ କାହାଉପରେ ଗୁରୁତ୍ୱ ଦେବା ଉଚିତ୍ ?

(1) ଆଳଙ୍କାରିକ ଭାଷା

(2) ଶୁଦ୍ଧ ବନାନ

(3) ବ୍ୟାକରଣଗତ ଶୁଦ୍ଧ ବାକ୍ୟ

(4) ବିଚାରର ଉପସ୍ଥାପନ

139. କେଉଁଥିପାଇଁ ପୂର୍ବ-ପଠନ କାର୍ଯ୍ୟ ଉପଯୋଗୀ ?

(1) କଠିନ ଶବ୍ଦର ଅର୍ଥ ପ୍ରଦାନ କରିବା

(2) ପାଠ୍ୟରେ ବ୍ୟବହୃତ ବ୍ୟାକରଣିକ ନିୟମ ଓ ବ୍ୟାକରଣ ବୁଝିବା

(3) ଶିକ୍ଷାର୍ଥୀଙ୍କର ପଠନ ବୋଧଶକ୍ତିର ଆକଳନ କରିବା

(4) ପାଠ୍ୟ ସଂପର୍କୀୟ ପୂର୍ବଜ୍ଞାନ ଉଜ୍ଜୀବିତ କରିବାପାଇଁ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରାଇବା

TEACHERS adda247

140. ଭାରତୀୟ ସମ୍ବିଧାନର ଅଷ୍ଟମ ତାଲିକାରେ କେତୋଟି ଭାଷାର ନାମ ଉଲ୍ଲେଖ ରହିଛି ?

(1) 16

(2) 20

(3) 22

(4) 24

**141. ବିଭିନ୍ନ ଅବସ୍ଥାର ବର୍ଣ୍ଣନା କରି ଶିକ୍ଷକ କ୍ଲାସରେ ଶିକ୍ଷାର୍ଥୀଙ୍କୁ ରୋଲ୍-ପ୍ଲେ ଜରିଆରେ ଦେଖାଇବାକୁ କହନ୍ତି । ତା'ପରେ ରୋଲ୍‌ପ୍ଲେରୁ ସେ କେତେକ ନିୟମ ବାହାର କରି ତାର ଅଭ୍ୟାସ କରିବାକୁ କହିଥାନ୍ତି । ତାହାଦ୍ୱାରା ସେ କ'ଣ ପଢାଇବାକୁ ଚେଷ୍ଟା କରନ୍ତି ?**

(1) ନିର୍ଧାର୍ଯ୍ୟ ବ୍ୟାକରଣ

(2) ବ୍ୟାକରଣକୁ ଅଲଗା କରି

(3) ଆବଶ୍ୟକ ଅନୁସାରେ ପରିସ୍ଥିତିକୁ ଖାପ ଖୁଆଇ ବ୍ୟାକରଣ

(4) ସଂଯୁକ୍ତ ପଦ୍ଧତି

**142. ଜଣେ ଭାଷା ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ଭାଷାଶିକ୍ଷା ପ୍ରକ୍ରିୟା କିପରି ଉପଲବ୍ଧ କରାଇ ପାରିବେ ?**

(1) ପାଠ୍ୟର ପୁନଃ ଅଭ୍ୟାସ କରିବା ସଂଗେ ସଂଗେ ପ୍ରତ୍ୟେକ ଶବ୍ଦ ଓ ତା'ର ଅନୁବାଦ ଶିଖାଇ

(2) ସର୍ବଦା ଶିକ୍ଷାର୍ଥୀଙ୍କର ଆକଳନ କରି

(3) ଶିକ୍ଷାର୍ଥୀଙ୍କୁ କେବଳ ପାଠପଢା ନୁହେଁ, ନୃତ୍ୟ, ସଂଗୀତ, କ୍ରୀଡ଼ା, ଚିତ୍ରାଙ୍କନ ଆଦିରେ ଉତ୍ସାହିତ କରାଇ

(4) ବିଭିନ୍ନ ପ୍ରକାରର ଶିକ୍ଷଣ ପଦ୍ଧତି ଶିଖାଇବା ସଂଗେ ସଂଗେ ବିଭିନ୍ନ ଶିକ୍ଷାର୍ଥୀଙ୍କ ନିମନ୍ତେ ଆକଳନ ରୀତି ପ୍ରସ୍ତୁତ କରାଇ

**143. "ଭାଷା ଶିକ୍ଷାରେ ସାମାଜିକ ଆଦାନ ପ୍ରଦାନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ।" – ଏହି ଅଭିବ୍ୟକ୍ତିର ସଂପର୍କ କାହା ସହିତ ?**

(1) ଚମ୍‌ସ୍କି

(2) ପିଆଜେଟ୍

(3) ୟାଗୋସ୍କି

(4) ସ୍କିନର୍

**144. କଥନ ଦକ୍ଷତା ନିମନ୍ତେ କ'ଣ ଆବଶ୍ୟକ ?**

(1) ନିର୍ମଳ ତଥା ଯଥାର୍ଥ ଉଚ୍ଚାରଣ

(2) ସମୟ ଓ ପରିବେଶ ଅନୁଯାୟୀ କଥନ

(3) ଦ୍ରୁତ କଥନ

(4) ଆଳଂକାରିକ ଭାଷାର ବ୍ୟବହାର

**145. ଯେଉଁ ପରୀକ୍ଷଣ ଦ୍ୱାରା ଶିକ୍ଷକ ଶିକ୍ଷାର୍ଥୀଙ୍କର ଭାଷା ଶିକ୍ଷାରେ ନିର୍ଦ୍ଦିଷ୍ଟ ସମସ୍ୟା ସଂପର୍କରେ ଅବଗତ ହୋଇଥାନ୍ତି ତାକୁ କୁହାଯାଏ ______**

(1) ଡ଼ିସ୍‌କ୍ରିଟ୍ ପଏଣ୍ଟ ପରୀକ୍ଷଣ

(2) ଡ଼ାଇଆଗ୍ନୋଷ୍ଟିକ୍ ପରୀକ୍ଷଣ

(3) କମ୍ୟୁନିକେଟିଭ୍ ପରୀକ୍ଷଣ

(4) ସମସ୍ୟା ସମାଧାନ ପରୀକ୍ଷଣ

TEACHERS adda247

**146. "ପୋଟ୍‌ଫୋଲିଓ" ସଂପର୍କରେ ଏଥିମଧ୍ୟରୁ କେଉଁଟି ସତ୍ୟ ?**

(1) ଏହା ଲିଖନ ଅଭ୍ୟାସ ବୃଦ୍ଧି କରାଇଥାଏ

(2) ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା – ଶିକ୍ଷାର୍ଥୀଙ୍କର କାର୍ଯ୍ୟ ସଂଗ୍ରହ କରି ନିରାପଦ ସ୍ଥାନରେ ରଖିବା

(3) ଏହାଦ୍ୱାରା ଶିକ୍ଷକଙ୍କର ସମୟ ବଞ୍ଚିତ ହୋଇଥାଏ ଏବଂ ଶିକ୍ଷାର୍ଥୀ ବ୍ୟସ୍ତ ରହିଥାନ୍ତି

(4) ଶିକ୍ଷାର୍ଥୀଙ୍କର କ୍ରମବିକାଶ ମାପିବାରେ ଏହା ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ

**147. ସ୍ୱରାଘାତ ______ ର ଭିନ୍ନତା ।**

(1) ଅଙ୍ଗ

(2) ଶବ୍ଦ ବା ଧ୍ୱନି

(3) ବାୟୁ

(4) ଉତ୍ତୋଳନ (ପିଚ୍)

**148. ବାଣୀ ନିଜ ଘରେ ବେଶୀ କଥାବାର୍ତ୍ତା କରେ ନାହିଁ, କିନ୍ତୁ ସ୍କୁଲରେ ଅଧିକ କଥା କହେ । ଏଥିରୁ ଜଣାଯାଏ –**

(1) ସେ ତା ଘର ଭଲପାଏ ନାହିଁ

(2) ସ୍କୁଲ୍‌ରେ ତା'ର ବିଚାରକୁ ସମ୍ମାନ ଦିଆଯାଏ

(3) ସ୍କୁଲ ପିଲାମାନଙ୍କୁ ମନଖୋଲା କଥା କହିବାର ସୁଯୋଗ ଦେଇଥାଏ

(4) କକ୍ଷର ଶୃଙ୍ଖଳା ରକ୍ଷା ଉପରେ ଶିକ୍ଷକ ନଜର ଦେଇନଥାନ୍ତି

**149. ଏଥିମଧ୍ୟରୁ କେଉଁ ଦୁଇଟି ତଥ୍ୟ ଭାଷା ଦକ୍ଷତାର ଅନ୍ତର୍ଭୁକ୍ତ ?**

(1) ଯଥାର୍ଥ ଉଚ୍ଚାରଣ ଏବଂ ତୀବ୍ର ପଠନ

(2) ନକଲ ଏବଂ ସୁନ୍ଦର ହସ୍ତାକ୍ଷର

(3) ଅବିକଳ ଓ ଅନର୍ଗଳ

(4) ଉପରଠାଉରିଆ ଓ କ୍ରମବୀକ୍ଷଣ

**150. ଭାଷା ଶିକ୍ଷା ସହଜ–ସାଧ ହୋଇପାରିବ ଯଦି ______**

(1) ପାଠ୍ୟପୁସ୍ତକ ପଢା ନ ଯାଏ

(2) ପରୀକ୍ଷଣ ବ୍ୟବସ୍ଥା ନ ରହେ

(3) ଶିକ୍ଷାର୍ଥୀ ଭାଷା ପରିବେଶ ପାଇଥାନ୍ତି

(4) ଲିଖନ ଆରମ୍ଭ ପୁର୍ବରୁ ବ୍ୟାକରଣ, ଡ୍ରିଲ୍ ଓ ଅଭ୍ୟାସ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ

TEACHERS adda247

SPACE FOR ROUGH WORK

TEACHERS adda247

**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛୁଡ଼ା ଯିବନାହିଁ । ଏହାଛୁଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍‌ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ୍ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ୍ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room. *The candidates are allowed to take away this Test Booklet with them.***